ଆରବିଆଇ/୨୦୦୪/୧୩୬
ଡ଼ିସିଏମ୍ (ଆରଏମ୍ଏମ୍‌ଟି) ନଂ.୧୧୮୧/୧୧/୩୭.୦୧/୨୦୦୩-୦୪

ଏପ୍ରିଲ ୫, ୨୦୦୪

**ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ**
ସମସ୍ତ ସରାକାରୀ/ଘରୋଇ କ୍ଷେତ୍ର ବ୍ୟାଙ୍କ୍

ପ୍ରିୟ ମହାଶୟ,

**<u>ମୁଦ୍ରା ଗ୍ରହଣ</u>**

ଆମେ ଆପଣଙ୍କ ଦୃଷ୍ଟି ଆମର ଚିଠି ଡିସିଏମ(ଆରଏମ୍ଏମ୍‌ଟି)ନଂ.୪୦୪/୧୧.୩୭.୦୧/୨୦୦୩-୦୪, ଅକ୍ଟୋବର ୯, ୨୦୦୩କୁ ଆକର୍ଷଣ କରୁଅଛୁ ଏବଂ ଆପଣ ଆପଣଙ୍କର ସମସ୍ତ ଶାଖାମାନଙ୍କୁ ସମସ୍ତ ମୂଲ୍ୟବର୍ଗର ମୁଦ୍ରା ଜନସାଧାରଣଙ୍କ ଠାରୁ ବିନା ପ୍ରତିବନ୍ଧକରେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବାପାଇଁ ନିର୍ଦ୍ଦେଶ ଦେଉଛୁ । ଶାଖାମାନଙ୍କ ଦ୍ୱାରା ମୁଦ୍ରା ଅନଗ୍ରହଣ ସମ୍ବନ୍ଧୀୟ ଅଭିଯୋଗ ଆମର ଏବେ ମଧ୍ୟ ହସ୍ତଗତ ହେଉଅଛି । ଶାଖାମାନଙ୍କର ମୁଦ୍ରାର ଅନଗ୍ରହଣର ପ୍ରଭାବ ଦୋକାନୀ ଏବଂ ବ୍ୟବସାୟୀ ମାନଙ୍କ ଉପରେ ପଡୁଛି ଏବଂ ସେମାନେ ମଧ୍ୟ ମୁଦ୍ରା ଗ୍ରହଣ କରିବାକୁ ରାଜି ହେଉନାହାନ୍ତି । ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ସମୟ ସମୟରେ ବ୍ୟବସାୟୀ ଓ ଜନସାଧାରଣଙ୍କ ମଧ୍ୟରେ ଏହି କାରଣରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ତେଣୁ ଆପଣ ଆପଣଙ୍କ ଶାଖାମାନଙ୍କୁ ଦେୟ ପ୍ରଦାନ କିମ୍ବା ପ୍ରତିବଦଳ ପାଇଁ ପୈଠ କରାଯାଉଥିବା ସମସ୍ତ ମୂଲ୍ୟବର୍ଗର ମୁଦ୍ରା ଗ୍ରହଣ କରିବାକୁ ତୁରନ୍ତ ନିର୍ଦ୍ଦେଶ ଦେବାପାଇଁ ଆମେ ଉପଦେଶ ଦେଉଛୁ ।

୨. ଓଜନ କରି ନମ୍ନ ମୂଲ୍ୟବର୍ଗର ମୁଦ୍ରାମାନ ଗ୍ରହଣ କରିବା ସୁବିଧା ଜନକ ବୋଲି ଆପଣଙ୍କୁ ଆଗରୁ ପରାମର୍ଶ ଦିଆଯାଇଅଛି । କିନ୍ତୁ ମୁଦ୍ରାଗୁଡ଼ିକ ୧୦୦ଟି ମୁଦ୍ରା ବିଶିଷ୍ଟ ପଲିଥିନ ପ୍ୟାକେଟରେ ଗ୍ରହଣ କରିବା ଉଭୟ ଗ୍ରାହକ ଓ କ୍ୟାସିଅରଙ୍କ ପାଇଁ ସୁବିଧାଜନକ । ଏହିଭଳି ପ୍ୟାକେଟ ମାନ କାଉଣ୍ଟରରେ ରଖି ଗ୍ରାହକ ମାନଙ୍କୁ ମଧ୍ୟ ପ୍ରଦାନ କରାଯାଇପାରେ । ଏହି ସମ୍ବନ୍ଧରେ ଏକ ସୂଚନା ଗ୍ରାହକଙ୍କ ଅବଗତ ନିମନ୍ତେ ଶାଖା ମାନଙ୍କରେ ତଥା ବାହାରେ ପ୍ରଦର୍ଶିତ କରାଯାଇପାରେ। ୫ପଇସା, ୧୦ପଇସା, ୨୦ପଇସାର ଆଲୁମିନିୟମ ମୁଦ୍ରା, ଆଲୁମିନିୟମ-ବ୍ରୋଞ୍ଜର ୧୦ ପଇସା, ଷ୍ଟେନ୍ ଲେସ୍ ଷ୍ଟିଲର ୧୦ ପଇସା, କୁପ୍ରୋନିକେଲ ୨୫ ପଇସା, ୫୦ ପଇସା ଏବଂ ୧ଟଙ୍କା ମୁଦ୍ରା ମାନଙ୍କର ଅପସାରଣ ଓ ମୁଦ୍ରାଶାଳକୁ ପ୍ରେରଣ ହେବା ପରିପ୍ରେକ୍ଷୀରେ ଗ୍ରାହକ ମାନଙ୍କୁ ଉପରୋକ୍ତ ମୁଦ୍ରା ପୈଠ ୧୦୦ଟି ମୁଦ୍ରାର ପ୍ୟାକେଟରେ କରିବା ପାଇଁ ଅନୁରୋଧ କରାଯାଇପାରେ, ମାତ୍ର ଏଥିପାଇଁ ଜିଦ୍ କରିବା ଉଚିତ୍ ନୁହେଁ । ସେହିଭଳି ବନ୍ଦୋବସ୍ତ ୨୫, ୫୦ ଏବଂ ୧ଟଙ୍କାର ଷ୍ଟେନଲେସ୍ ଷ୍ଟିଲ ମୁଦ୍ରା, ୨ଟଙ୍କା ଓ ୫ଟଙ୍କା କୁପ୍ରୋନିକେଲ ମୁଦ୍ରାର ଗ୍ରହଣ ପାଇଁ ମଧ୍ୟ କରାଯାଇପାରେ। ଓଜନରେ ଅଧିକ ତାରତମ୍ୟ ଦେଖାଗଲେ ମୁଦ୍ରାଗଣନା ଯନ୍ତ୍ରର ମଧ୍ୟ ସାହାଯ୍ୟ ନିଆଯାଇପାରେ ।

୩. ମୁଦ୍ରା ଗଚ୍ଛିତ କରି ରଖିବାର ସମସ୍ୟା ଏଡ଼ାଇବା ପାଇଁ ପ୍ରଚଳିତ ନିୟମ ଅନୁସାରେ କରେନ୍‌ସି ଚେଷ୍ଟ ବା ମୁଦ୍ରା ଡ଼ିପୋ ମାଧ୍ୟମରେ ୫, ୧୦, ୨୦ ପଇସାର ଆଲୁମିନିୟମ ମୁଦ୍ରା, ୧୦ପଇସାର ଆଲୁମିନିୟମ ବ୍ରୋଞ୍ଜମୁଦ୍ରା ୧୦ ପଇସାର ଷ୍ଟେନଲେସ ଷ୍ଟିଲ୍ ମୁଦ୍ରା, ୨୫ ପଇସା, ୫୦ ପଇସା ଏବଂ ୧ଟଙ୍କାର କୁପ୍ରୋନିକେଲ ମୁଦ୍ରାଗୁଡ଼ିକୁ ପୂର୍ବ ସୂଚନା ସହ ସିଧାସଳଖ ମୁମ୍ବାଇ/କୋଲକାତା/ହାଇଦ୍ରାବାଦର ମୁଦ୍ରାଶାଳାକୁ ପ୍ରେରଣ କରାଯାଇପାରେ । ୨୫ ପଇସା ଓ ୫୦ ପଇସାର ଷ୍ଟେନଲେସ୍ ଷ୍ଟିଲ ମୁଦ୍ରା, ୧ଟଙ୍କା, ୨ଟଙ୍କା ଓ ୫ ଟଙ୍କାର କୁପ୍ରୋନିକେଲ ମୁଦ୍ରାକୁ ପୁନଃ ପ୍ରଚଳନ ପାଇଁ ଉଦ୍ୟମ କରାଯାଇପାରେ । ମୁଦ୍ରାର ପରିମାଣ ଧାରଣ କ୍ଷମତା ଠାରୁ ଅଧିକ ହେଲେ ରିଜର୍ଭ ବ୍ୟାଙ୍କ କୁ ପ୍ରେଷଣ ପାଇଁ ନିର୍ଗମ ବିଭାଗ ସହ ଯୋଗାଯୋଗ କରାଯାଇପାରେ ।

୪. ଆଞ୍ଚଳିକ ପରିଚାଳକ ମାନେ ଗୁପ୍ତ ଭ୍ରମଣ କରି ଶାଖା ମାନଙ୍କର ଏହି ନୀତିନିୟମ ପାଳନ ସମ୍ବନ୍ଧୀୟ ବିବରଣୀ ମୁଖ୍ୟ କାର୍ଯ୍ୟାଳୟକୁ ପ୍ରଦାନ କରିବାପାଇଁ ନିର୍ଦ୍ଦେଶ ଦିଆଯିବା ଉଚିତ୍। ମୁଖ୍ୟ କାର୍ଯ୍ୟାଳୟରେ ଏହି ବିବରଣୀର ସମୀକ୍ଷା କରାଯାଇ ଆବଶ୍ୟକ ସ୍ଥଳେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ।

୫. ଉପରୋକ୍ତ ପଦ୍ଧତି ଅନୁସାରେ କାର୍ଯ୍ୟ ନକରିବା ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶନାମାର ଉଲ୍ଲଙ୍ଘନ ଭାବେ ବିବେଚିତ ହେବ ।

ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ ଏବଂ ଆପଣ ସଂପୃକ୍ତ କାର୍ଯ୍ୟ ଉପରେ ନେଇଥିବା ପଦକ୍ଷେପ ବିଷୟରେ ଆମକୁ ଜଣାନ୍ତୁ ।

ଆପଣଙ୍କର ବିଶ୍ୱସ୍ତ
(ପି.କେ.ବିଶ୍ୱାସ)
କାର୍ଯ୍ୟପାଳକ ନିର୍ଦ୍ଦେଶକ